# Akashvani, Sambalpur

## SAMBALPURI NEWS BULLETIN

### 9 February 2026 – 6.47- 6.52 am.

*********************************************

ପରୀକ୍ଷା ପେ ଚର୍ଚ୍ଚା       ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା ୯ ନମ୍ବର୍ ସଂସ୍କରଣ୍‌ର ୨ ନମ୍ବର୍ ଭାଗ୍ ଆଏଜ୍ ପ୍ରସାରଣ୍ କରାଯିବା । ପରୀକ୍ଷାକେ ନେଇକରି ରହୁଥିବା ଚାପକେ କମ୍ କର୍‌ବାର୍ ଉଦ୍ଦେଶ୍ୟ‌ଥି ଶ୍ରୀମୋଦୀ ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ ଦେବେ । ପହେଲା ଭାଗ୍‌ଥି ପ୍ରଧାନ୍‌ମନ୍ତ୍ରୀ ଛାତ୍ରଛାତ୍ରୀମାନ୍‌କର୍ ସହେତେ ମତ ଦିଆନିଆ କରିକରି କହିଥିଲେ, ପରୀକ୍ଷାକେ ଗୁଟେ ଉତ୍ସବ୍ ହିସାବେ ଗ୍ରହଣ୍ କର୍‌ବାର୍ କଥା । ସଫଳତା ଲାଗି ଜୀବନ୍ ଆଉ ବୃତିଗତ କୌଶଲ୍‌ର ଅବଶ୍ୟକତା ରହିଛେ ବଲି ଶ୍ରୀ ମୋଦୀ କହିଥିଲେ । ଆଏଜ୍ ଇ କାର୍ଯ୍ୟକ୍ରମ୍‌କେ ଦିନର୍ ୧୦ ବଜେ ଦୂରଦର୍ଶନ୍, ପ୍ରଧାନ୍‌ମନ୍ତ୍ରୀଙ୍କର୍ ୟୁଟ୍ୟୁବ୍ ଚେନାଲ୍, ଶିକ୍ଷା ମନ୍ତ୍ରଣାଲୟର୍ ସାମାଜିକ୍ ଗଣମାଧ୍ୟମ୍ ପ୍ଲାଟ୍‌ଫର୍ମ‌ଥି ସିଧାସଲଖ୍ ପ୍ରସାରଣ୍ କରାଯବା । ଇତାର୍‌ସହେତେ ୱେଭ୍‌ସ୍ ଓଟିଟି, ଆମାଜନ୍ ପ୍ରାଇମ୍ ଭିଡ଼ିଓ, ଜିଓ, ଜି-ଫାଇଭ୍, ସୋନି ଲିଭ୍ ଆଉ ସ୍ୱଟିଫାଏ ବାଗିର୍ ଭିନ୍ ଭିନ୍ ଓଟିଟି ପ୍ଲାଟ୍‌ଫର୍ମ ଜରିଏ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ କରାଯିବା ।

ଧଉଲି କଲିଙ୍ଗ ମହୋତ୍ସବ୍ -ରାଜ୍ୟପାଲ୍   ଆଇ.ଆଣ୍ଡ୍.ପି.ଆର୍

ଧଉଲି କଲିଙ୍ଗ ମହୋତ୍ସବ୍ ଓଡ଼ିଶାର୍ ସମୃଦ୍ଧ ସାଂସ୍କୃତିକ ଐତିହ୍ୟର୍ ପ୍ରଚାର୍ ପ୍ରସାର୍ ଦିଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛେ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ଭୁବ୍ନେଶ୍ୱର୍ ପାଶର୍ ଧଉଲି ଠାନେ ଗଲାକାଏଲ୍ ଧଉଲି କଲିଙ୍ଗ ମହୋତ୍ସବ୍ ଉଦ୍ଯାପନୀ ସମାରୋହଥି ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ଇ ମହୋତ୍ସବ୍ କଲା ଆଉ ସଂସ୍କୃତିର୍ ଶକ୍ତିକେ ଉଜାଗର୍ କରିକରି ଶାନ୍ତି ଆଉ ସାଂସ୍କୃତିକ୍ ବିନିମୟ୍କେ ତହଁକଉଛେ । କାର୍ଯ୍ୟକ୍ରମ୍ଥି ପ୍ରସିଦ୍ଧ ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ରଙ୍କୁ ବୁଦ୍ଧ ସମ୍ମାନ୍ ପ୍ରଦାନ୍ କରାଯାଇଥିଲା ।

ବାଚସ୍ପତି-ବାଲ୍ୟବିବାହ ମୁକ୍ତ ରାଜ୍ୟ      ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶାକେ ୨୦୩୦ ମସିହାତକ୍ ବାଲ୍ୟବିବାହ ମୁକ୍ତ ରାଜ୍ୟ ଘୋଷ୍ନା କରାଯିବା ବଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ । ଭୁବ୍ନେଶ୍ୱର୍ ଠାନେ ଗଲାକାଏଲ୍ ବାଲ୍ୟବିବାହ ମୁକ୍ତ ଭାରତ ରଥ ଆଉ ଶୋଭାଯାତ୍ରାକେ ଉଦ୍ଘାଟନ୍ କରିକରି ଶ୍ରୀମତୀ ପାଢ଼ୀ କହିଛନ୍, ସ୍ୱେଚ୍ଛାସେବୀ ସଂଗଠନ୍, ଶିକ୍ଷାନୁଷ୍ଠାନ୍ ଆଉ ଲୋକଙ୍କର୍ ସାହାଜ୍ଥି ସର୍କାର୍ ବାଲ୍ୟବିବାହ ମୁକ୍ତ

ରାଜ୍ୟ ଗଠନ୍ ଲାଗି ଚେରେଷ୍ଟା ଚଲେଇଛନ୍ । ଇ ଦିଗେ ଜିଲ୍ଲାସ୍ତର୍ ମାନ୍‌କେ ଭିଲ୍ ପଦକ୍ଷେପ୍ ନିଆଯାଉଛେ ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀଙ୍କର୍ ଭୁବ୍‌ନେଶ୍ୱର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ନ ଆଏଜ୍ ଶୁଣାଣି କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ମନ୍ତ୍ରୀ ଆଉ ଅଧିକାରୀ ମାନେ ଉପସ୍ଥିତ୍ ରହିକରି ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ । ଧାରିଜ୍ ସମିଆଥି ଅଭିଯୋଗ୍‌କାରୀମାନେ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ସାଙ୍ଗେ ଉପସ୍ଥିତ୍ ରହେବାର୍‌କେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନିଟ୍ ୟୁଜି ଆର୍‌ଏନ୍‌ୟୁ/ ସମ୍ବଲପୁର

ଡାକ୍ତରୀ ପାଠ୍‌ପଢ଼ାଥି ନାଁଲେଖା ଲାଗି ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା- ନିଟ୍ ୟୁଜି ଲାଗି ଗଲାକାଏଲ୍‌ଠାନୁ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ମାର୍ଚ୍ଚ ୮ ତାରିଖ୍‌ତକ୍ ଅନ୍‌ଲାଇନ୍ ଆବେଦନ୍ ଚାଲ୍‌ବା । ୧୦ ଆଉ ୧୨ ତାରିଖ୍ ଭିତ୍‌ରେ ଅନ୍‌ଲାଇନ୍ ଆବେଦନ୍‌ମାନ୍‌କର୍ ସଂଶୋଧନ୍

ସୁଯୋଗ୍ ଦିଆଯିବା । ମେ ୩ ତାରିଖ୍ ଦିନ ନିଟ୍ ୟୁଜି ପରୀକ୍ଷା ହେବା । ଇ ବଛର୍ ଓଡ଼ିଆ ସହେତେ ୧୩ ଟା ଆଂଚଲିକ୍ ଭାଷାଥି ପରୀକ୍ଷା କରାଯିବା ବଲି ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି- ଏନ୍‌ଟିଏ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ରାଜସ୍ୱ ମନ୍ତ୍ରୀ - ବ୍ରଜ୍‌ରାଜ୍‌ନଗର୍             ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜସ୍ୱ ମନ୍ତ୍ରୀ ଆଉ ବ୍ରଜ୍‌ରାଜ୍‌ନଗର୍ ବିଧାୟକ୍ ସୁରେଶ୍ ପୂଜାରୀ ଗଲାକାଏଲ୍ ନିଜର୍ ନିର୍ବାଚନ୍ ମଣ୍ଡଲୀ ନ ଭିନ୍ ଭିନ୍ ଉନ୍ନୟନ୍ କାମ୍‌ର ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କରିଛନ୍ । ବ୍ରଜରାଜ୍‌ନଗର୍ ପୌର ପରିଷଦ୍ ଅଧୀନ୍‌ଥି ଥିବା ୨୩ ଟା ୱାର୍ଡ଼ ଲାଗି ୨୪ କୋଟି ୬ ଲାଖ୍ ଟଙ୍କାର ୭୮ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଥିଲା ବେଲେ ୩ କୋଟି ୫୭ ଲାଖ୍ ଟଙ୍କାର୍ ୮ଟା ପ୍ରକଳ୍ପର୍ ଲୋକାର୍ପଣ୍ କରିଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପୂଜାରୀ ନୂଆ ହିତାଧିକାରୀମାନ୍‌କୁ ଭତା ଆଉ ରାସନ୍‌କାର୍ଡ଼ ବାଂଟିଥିଲେ ।

ବିଭିଜିରାମ୍‌ଜୀ-କର୍ମଶାଳା             ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ଜମନ୍‌କିରା ବ୍ଲକ୍, ବଡ଼ମାଲ୍ ପଂଚାୟତ୍ ପରିସର୍ ନ ବିକଶିତ୍ ଭାରତ୍ ଜି ରାମ୍ ଜି ଆଇନ୍‌କେ ନେଇକରି ଗୁଟେ କର୍ମଶାଳା

ହେଇଯାଇଛେ । କର୍ମଶାଳାଥି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଭିବିଜିରାମ୍‌ଜୀ ଯୋଜ୍‌ନାର୍ ଲାଭ୍ ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ନାଏକ୍ କଲ୍ୟାଣ୍ ମଣ୍ଡପ୍‌ର ଉଦ୍‌ଘାଟନ୍ କର୍‌ବାର୍ ସହେତେ ୭ କୋଟି ୩୧ ଲାଖ୍ ଟଙ୍କାର୍ ଶହେ ୫୫ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ ।

ସୁନ୍ଦର୍‌ଗଡ୍ ଜିଲ୍ଲା ମହୋତ୍ସବ୍ -ଯତ୍‌ରା     ଝାର୍‌ସୁଗୁଡ଼ା ସମ୍ବାଦଦାତା

ସୁନ୍ଦର୍‌ଗଡ୍ ଜିଲ୍ଲା ମହୋତ୍ସବ୍ -ଯତ୍‌ରା -୨୦୨୬ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲାପାଲ୍ ଡାକ୍ତର୍ ଶୁଭଙ୍କର୍ ମହାପାତ୍ରଙ୍କର୍ ସଭାପତିତ୍ୱଥି ହେଇଥିବା ଉଦ୍‌ଘାଟନୀ ସମାରୋହଥି  କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ , ଓଡ଼ିଶା ବିଧାନ୍‌ସଭା ଉପବାଚସ୍ପତି ଭବାନୀ ଶଙ୍କର୍ ଭୋଇଙ୍କର୍ ସହେତେ ଜିଲ୍ଲାର୍ ବିଧାୟକ୍‌ମାନେ ଅତିଥି ଭାବେ ଯୋଗ୍ ଦେଇଥିଲେ । ମହୋତ୍ସବ୍ ମୁଲ୍ ହେବାର୍ ଆଘୋନୁ ସଖାଲ୍‌ବେଲା ଗୁଟେ ରଙ୍ଗାରଙ୍ଗ ସାଂସ୍କୃତିକ୍ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ଜିଲ୍ଲାସ୍ତରୀୟ ମହୋତ୍ସବ୍ ଆଘୋନୁ ୧୭ ଟା ଜାକ ବ୍ଲକ୍ ନ ବ୍ଲକ୍‌ସ୍ତରୀୟ ଯତ୍‌ରା ମହୋତ୍ସବ୍ ଆୟୋଜନ୍ କରାଯାଇଥିଲା ।

ଖଡ଼ିଆଲ୍ ମହୋତ୍ସବ      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଡ଼ିଆ ନ ଚାଲିଥିବା ଖଡ଼ିଆଲ୍ ମହୋତ୍ସବ୍-୨୦୨୬ ଗଲାକାଏଲ୍ ଉଦ୍ଯାପିତ୍ ହେଇଯାଇଛେ । ମହୋତ୍ସବ୍ କମିଟିର୍ ସଭାପତି ଆଉ ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମାରୋହଥି ମୁଖ୍ୟଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ଯୋଗ୍ ଦେଇକରି ମହୋତ୍ସବ୍‌କେ ସାଂସ୍କୃତିକ୍ ଜାଗରଣ୍‌ର ଉତ୍ସବ୍ ବଲି କହିଥିଲେ । ଇ ଅବ୍‌ସରେ ରଙ୍ଗାରଙ୍ଗ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାପମାତ୍ରା କମ୍‌ବାର୍ ସହେତେ ଶୀତ୍ ପ୍ରଭାବ୍ ଦେଖିବାର୍‌କେ ମିଲୁଛେ । ଆଏବା ୪/୫ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।